# Akashvani, Sambalpur

## SAMBALPURI NEWS BULLETIN

### 23 December 2025 – 6.47- 6.52 am.

***********************************************

ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏଜ୍ ଗୁଟେ ଖାସ୍ ସମାରୋହଥି ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର୍-୨୦୨୫ ପ୍ରଦାନ୍ କର୍‌ବେ । ବିଜ୍ଞାନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୨୪ ଝନ୍‌କୁ ୪ ଟା ବର୍ଗଥି ଇ ପୁରସ୍କାର୍ ଦିଆଯିବା । ସେଥିର୍‌ଭିତ୍‌ରେ ପ୍ରଫେସର୍ ଜୟନ୍ତ ବିଷ୍ଣୁ ନର୍ଲିକାର୍‌ଙ୍କୁ ମରଣୋତର୍ ବିଜ୍ଞାନ୍ ରତ୍ନ ପୁରସ୍କାର୍ ଦିଆଯିବା । ୮ ଝନ୍ ବୈଜ୍ଞାନିକଙ୍କୁ ବିଜ୍ଞାନ୍‌ଶ୍ରୀ, ୧୪ ଝନ୍ ଯୁବ ବୈଜ୍ଞାନିକଙ୍କୁ ବିଜ୍ଞାନ୍ ଯୁବା ପୁରସ୍କାର୍ ଦିଆଯିବା । କୃଷି ବିଜ୍ଞାନ୍ କ୍ଷେତ୍ରଥି ପ୍ରଶଂସନୀୟ ଅବଦାନ୍ ଲାଗି ସିଏସ୍‌ଆଇଆର୍ ର ଟିମ୍ ଅରୋମା ମିସନ୍‌କେ ବିଜ୍ଞାନ୍ ଟିମ୍ ପୁରସ୍କାର୍ ମିଲ୍‌ବା । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଅକ୍ଟୋବର୍ ୨୬ ତାରିଖ୍ ଦିନ ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର୍-୨୦୨୫ ଘୋଷ୍‌ନା କରାଯାଇଥିଲା ।

ଆମ୍ବୁଲେନ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ମୋଟ୍ ୪ ଶହ ୨୮ ଟା ନୂଆଁ ଆମ୍ବୁଲେନ୍ସ ରାଜ୍ୟବାସୀଙ୍କର୍ ସେବାଥି ଜୁଡ଼୍‌ବାର୍‌କେ ଯାଉଛନ୍ । ସେଥିର୍‌ଭିତ୍‌ରୁ ପହେଲା ଖେପେ ଶହେ ୫୦ ଟା ଆମ୍ବୁଲେନ୍ସକେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଗୁଟେ ଖାସ୍ ସମାରୋହଥି ଆମ୍ବୁଲେନ୍ସର୍ ଉଦ୍‌ଘାଟନ୍ କରାଯିବା । ସମାରୋହଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ରହେବେ ।

ଲୋକସଭା ବାଚସ୍ପତି ସମ୍ବଲପୁର ସମ୍ବାଦଦାତା

ବିକଶିତ୍ ଭାରତ୍‌ର ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ଆତ୍ମା ଜରୁରୀ ଆଏ ବଲି ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ । ସମ୍ବଲ୍‌ପୁର୍ ନ ଗଲାକାଏଲ୍ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ବାଚସ୍ପତି ଶ୍ରୀ ବିର୍ଲା ଓଡ଼ିଶାର୍ ସମୃଦ୍ଧ, ସାଂସ୍କୃତିକ ଐତିହ୍ୟର୍ ବହୁତ୍ ପ୍ରଶଂସା କରିକରି କହିଛନ୍...

(ଭଏସ୍ ଓଭର୍- ଓମ୍ ବିର୍ଲା)

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ସମ୍ବଲ୍‌ପୁର୍‌ର ସାଂସ୍କୃତିକ ବିବିଧତା ଆଉ ବିକାଶ୍ ବାବ୍‌ଦେ କହିଥିଲେ । ରାଜସ୍ଥାନ୍ ମୁଖ୍ୟମନ୍ତ୍ରୀ ଭଜନ୍ ଲାଲ୍ ଶର୍ମା ଯୋଗ୍ ଦେଇକରି ସମ୍ବଲ୍‌ପୁର୍ ମାଏଟ୍‌କେ ଆସିକରି ସମ୍‌ଲେଇଙ୍କର୍ ଦର୍ଶନ୍ କର୍‌ବାର୍‌ଟା ସୌଭାଗ୍ୟର୍ କଥା ବଲି କହିଛନ୍ ।

ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ଏନ୍‌ଏସି -ବିଜ୍ଞପ୍ତି ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ୨୪ ଟା ନୂଆଁ ବିଜ୍ଞପିତ ଅଂଚଲ୍ ପରିଷଦ୍ ଆଉ ୫ ଟା ପୌର ପରିଷଦ୍ ଲାଗି ଗୃହ ନିର୍ମାଣ୍ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ୧୪ ଟା ଜିଲ୍ଲା ନ ୨୪ ଟା ନୂଆଁ ଏନ୍‌ଏସି ଗଠନ୍ କରାଯିବା । ଇତାର୍‌ସହେତେ ୩ ଟା ଜିଲ୍ଲା ନ ୫ ଟା ପୌର ପରିଷଦ୍ ଗଠନ୍ ଲାଗି ନିଷ୍ପତି ନିଆଯାଇଛେ । ବର୍‌ଗଡ୍ ଜିଲ୍ଲାର୍ ସୋହେଲା, କଲାହାଣ୍ଡି ଜିଲ୍ଲାର୍ ନର୍ଲା, ଜୟପାଟଣା, ସମ୍ବଲ୍‌ପୁର୍ ଜିଲ୍ଲାର୍ ବାମ୍‌ରା, ରେଙ୍ଗାଲି ଆଉ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ କେ ନୂଆଁ ଏନ୍‌ଏସି କର୍‌ବାର୍ ଲାଗି ଘୋଷ୍‌ନା କରାଯାଇଛେ । ସେନ୍ତା ମ୍ୟୁନିସିପାଲ୍‌ଟି ଲାଗି ବୌଦ୍ଧ ଜିଲ୍ଲାର୍

ବୌଦ୍ଧଗଡ଼ର୍ ନାଁ ଘୋଷ୍ନା କରାଯାଇଛେ । ବିଜ୍ଞପ୍ତି ଉତ୍ରୁ ଭିନ୍ ଭିନ୍ ପଦ୍ ପଦ୍ବୀ ମଞ୍ଜୁରୀ କରାଯିବାର୍ ସହେତେ ଜମି ଅଧିଗ୍ରହଣ୍ କରାଯିବା ।

ଓଡ଼ିଶା ଜଲଯୋଗାଣ- ବୈଠକ୍ I&PR

ଓଡ଼ିଶା ଜଲଯୋଗାଣ ଆଉ ସ୍ୱେରେଜ୍ ପରିସର୍ର ୨୭ ନମ୍ବର୍ ବୋର୍ଡ୍ ବୈଠକ୍ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ୨୪ ଟା ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପ୍ରେ ପ୍ରଶାସନିକ୍ ଆର୍ଥିକ୍ ଆଉ ପ୍ରଯୁକ୍ତି ଭିତିକ ବିଷେ ଉପ୍ରେ ଆଲୋଚନା କରାଯାଇକରି ନିଷ୍ପତି ନିଆଯାଇଥିଲା । ବୈଠକ୍ଥି ଦୈନିକ ଶ୍ରମିକ ରୋଲ୍ କର୍ମଚାରୀମାନ୍କର୍ ଖାସ୍ ପ୍ରୋତ୍ସାହନ୍ ରାଶି ୨ ଶହ ଟଙ୍କାକେ ବଢ଼ାଯାଇଛେ । ବୋର୍ଡ୍ର ଭିନ୍ ଭିନ୍ ପରୀକ୍ଷା ଲାଗି ଗୁଟେ କମିଟି ଗଠନ୍ କରାଯିବା ବଲି ବୈଠକ୍ଥି ଧାରିଜ୍ କରାଯାଇଛେ ।

ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ-ବୈଠକ୍ I&PR

ଭୁବ୍ନେଶ୍ୱର୍ ନ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ୍ ପାଲନ୍ ବେଲ୍କେ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ଲାଗି ଗଲାକାଏଲ୍ ଗୁଟେ ବୈଠକ୍

ହେଇଯାଇଛେ । ସୂଚ୍ନା ଆଉ ଲୋକସମ୍ପର୍କ ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ପ୍ରଜ୍ଞାପନ ମେଢ଼ ଜରିଏ ଭିନ୍ ଭିନ୍ ବିଭାଗ୍ର ସଫଳତାର୍ କାହାଣୀ ଆଉ ଯୋଜ୍ନା ମାନ୍କର୍ ବାବ୍ଦେ ପ୍ରଦର୍ଶନ୍ କର୍ବାର୍କେ ଜୋର୍ ଦିଆଯାଇଥିଲା ।

ଜାତୀୟ କୃଷକ୍ ଦିବସ ଆର୍ଏନ୍ୟୁ/ସମ୍ବଲପୁର

ଦେଶର୍ ବିକାଶ୍ଥି କୃଷକ୍ମାନ୍କର୍ ଅବଦାନ୍କେ ସମ୍ମାନ୍ ଜନେଇକରି ଆଏଜ୍ ସାରା ଦେଶେ ଜାତୀୟ କୃଷକ୍ ଦିବସ୍ ପାଳନ୍ କରାଯାଉଛେ । ଦେଶର୍ ଆଘର୍ ପ୍ରଧାନ୍ମନ୍ତ୍ରୀ ଚୌଧୁରୀ ଚରଣ୍ ସିଂଙ୍କର୍ ଜନମ୍ଦିନ୍ ଅବ୍ସରେ ଫି’ ବଛର୍ ଡିସେମ୍ବର୍ ୨୩ ତାରିଖ୍ ଦିନ ଜାତୀୟ କୃଷି ଦିବସ୍ ପାଳନ୍ କରାଯାଉଛେ । କୃଷି ଆଉ କୃଷକ୍ମାନ୍କର୍ କଲ୍ୟାଣ୍ ଦିଗେ ତାଙ୍କର୍ ଅବଦାନ୍କେ ସୁର୍ତା କର୍ବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଉଛେ ।

ଶିଳ୍ପ ତାଲିମ୍ କେନ୍ଦ୍ର ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ ବାଘମୁଣ୍ଡା ନ ଶିଳ୍ପ ତାଲିମ୍ କେନ୍ଦ୍ର ଥାପ୍ନା ଲାଗି ଭିତିପ୍ରସ୍ତର୍ ଥାପ୍ନା ହେଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ୧୯ କୋଟି ଟଙ୍କା ଖର୍ଚ୍ଚାଥି ୧୦ ଏକଡ଼୍ ଜାଗା ନ ଇ କେନ୍ଦ୍ର ଥାପ୍ନା ହେବା । ୧୬ ଟା ଟ୍ରେଡ୍କେ  ନେଇକରି ୨୦୨୭ ମସିହାନୁ ଶିଳ୍ପ ତାଲିମ୍ କେନ୍ଦ୍ର କାର୍ଯ୍ୟକ୍ଷମ୍ ହେବା ।

ପାଣିପାଗ            ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍ରେ ଘନାକୁହୁଡ଼ି ହେବାର୍ ନେଇକରି ସୁବର୍ଣ୍ଣପୁର, ବଲାଙ୍ଗିର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ସମ୍ବଲପୁର୍ ସହେତେ ୧୨ ଟା ଜିଲ୍ଲା  ନ ହାଲ୍କାନୁ ମଧ୍ୟମ୍ ଧରଣ୍ର କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।